ଡକ୍ଟର ଉମରାଓ ସିଂହ ଚୌଧୁରୀ

ବନାମ

ମଧ୍ୟ ପ୍ରଦେଶ ରାଜ୍ୟ ଏବଂ ଅନ୍ୟଜଣେ

ମେ 2,1994

[କେ. ରାମସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ : ଅନୁଚ୍ଛେଦ 136,226 - ମଧ୍ୟପ୍ରଦେଶ ବିଶ୍ୱବିଦ୍ୟାଳୟ ଅଧିନିୟମ, 1973 ର ଧାରା 52 ଅନୁଯାୟୀ ଅଧିସୂଚନା - କୁଳପତିଙ୍କୁ ପଦବୀ ଛାଡ଼ିବାକୁ ହେବ - ରାୟ ଦିଆଗଲା ଯେ , ଧାରା 52 ଅନୁଯାୟୀ ବିବେଚିତ ହୋଇଥିବା ଭଳି ଯେଉଁ କ୍ଷେତ୍ରରେ ରାଜ୍ୟ ସରକାର ସନ୍ତୁଷ୍ଟ , ସେହି କ୍ଷେତ୍ରରେ ଅନୁଚ୍ଛେଦ 136 କିମ୍ବା ଅନୁଚ୍ଛେଦ 226 ଅନୁଯାୟୀ ନ୍ୟାୟାଳୟ କ୍ଷମତାର ପ୍ରୟୋଗରେ ହସ୍ତକ୍ଷେପ କରିବା ନ୍ୟାୟସଙ୍ଗତ ହେବ ନାହିଁ।*

*ମଧ୍ୟପ୍ରଦେଶ ବିଶ୍ୱବିଦ୍ୟାଳୟ ଅଧିନିୟମ, 1973:ଧାରା 13,14,52 - କୁଳପତି - ଧାରା 52 ଅନୁଯାୟୀ ପ୍ରାବଧାନ ରଖି ଅଧିସୂଚନା ଜାରି କରାଗଲା ଯେ କୁଳପତି ଖୁବ୍ ଶୀଘ୍ର ଦାୟିତ୍ୱ ତୁଲାଇବା ବନ୍ଦ କଲେ - ରାୟ ଦିଆଗଲା ଯେ , ରାଜ୍ୟ ସରକାର ଅଧିସୂଚନା ଜାରି କରିବା ଯଥାର୍ଥ ଥିଲା କାରଣ ଏହା ସନ୍ତୁଷ୍ଟ ଥିଲେ ଯେ ଏପରି ଏକ ପରିସ୍ଥିତି ସୃଷ୍ଟି ହୋଇଛି ଯେଉଁଥିରେ ବିଶ୍ୱବିଦ୍ୟାଳୟର ପ୍ରଶାସନ ଅଧିନିୟମ ଅନୁଯାୟୀ ପରିଚାଳିତ ହୋଇପାରିବ ନାହିଁ।*

*ପ୍ରଶାସନିକ ଆଇନ : ମଧ୍ୟ ପ୍ରଦେଶ ଅଧିନିୟମ ସଂଖ୍ୟା 22/1973 ର ଧାରା 52 ଅନୁଯାୟୀ ନ୍ୟାୟିକ ସମୀକ୍ଷା ଅଧିସୂଚନା - କୁଳପତିଙ୍କୁ ପଦବୀ ଛାଡ଼ିବାକୁ ହେବ - ରାୟ ଦିଆଗଲା ଯେ , ଧାରା 52 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ବୈଧାନିକ ଏବଂ ଏହା ସମ୍ବିଧାନର ଅନୁଚ୍ଛେଦ 136 ଏବଂ 226 ଦ୍ୱାରା ପରିକଳ୍ପିତ ନ୍ୟାୟିକ ସମୀକ୍ଷାର ବଶଃବର୍ତ୍ତୀ ହେବ , ତଥାପି, ନ୍ୟାୟାଳୟ , ରାଜ୍ୟ ସରକାରଙ୍କ ମତ ଉପରେ ଆବେଦନକୁ ବିଚାର କରିବେ ନାହିଁ ।*

*ପ୍ରାକୃତିକ ନ୍ୟାୟ : କୁଳପତି - ମଧ୍ୟ ପ୍ରଦେଶ ଅଧିନିୟମ ସଂଖ୍ୟା 22/1973 ର ଧାରା 52 ଅନୁଯାୟୀ ଅଧିସୂଚନା - ରାୟ ଦିଆଗଲା ଯେ , ଧାରା 52 ଆବଶ୍ୟକ ନିହିତାର୍ଥ ଦ୍ୱାରା ପ୍ରାକୃତିକ ନ୍ୟାୟର ନୀତିଗୁଡ଼ିକର ପ୍ରୟୋଗକୁ ବାଦ ଦିଏ।*

ମଧ୍ୟପ୍ରଦେଶ ବିଶ୍ୱବିଦ୍ୟାଳୟ ଅଧିନିୟମ, **1973** ର ଧାରା **13** ଅନୁଯାୟୀ ଆବେଦନକାରୀଙ୍କୁ **13 5.9.1992** ତାରିଖରେ କୁଳପତି ଭାବେ ନିଯୁକ୍ତ କରାଯାଇଥିଲା । ଅଧିନିୟମର ଧାରା **51** ଅନୁଯାୟୀ ରାଜ୍ୟପାଳ ଏକ ଅଧିସୂଚନା ଜାରି କଲେ ଯାହାର ଫଳ ସ୍ୱରୂପ ଆବେଦନକାରୀ **21.1.1994** ତାରିଖରୁ କୁଳପତି ଭାବେ ଦାୟିତ୍ୱ ତୁଲାଇବା ବନ୍ଦ କରିଦେଲେ । ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରି ଯୁକ୍ତି ଦର୍ଶାଇଥିଲେ ଯେ ଏହି ଅଧିସୂଚନା *ମନ୍ଦ ଉଦ୍ଦେଶ୍ୟ ପୂର୍ଣ୍ଣ* , ବେଆଇନ ଏବଂ ମନମୁଖୀ ହେବା ଛଡ଼ା ପ୍ରାକୃତିକ ନ୍ୟାୟର ନୀତିକୁ ଉଲ୍ଲଂଘନ କରୁଛି କାରଣ ଏଠାରେ ରାଜ୍ୟପାଳଙ୍କ କାର୍ଯ୍ୟ ପ୍ରଶାସନିକ ଏବଂ ଆବେଦନକାରୀଙ୍କୁ ନିଜର ପକ୍ଷ ରଖିବା ନିମିତ୍ତ କୌଣସି ସୁଯୋଗ ଦିଆଯାଇ ନାହିଁ । ଉଚ୍ଚ ନ୍ୟାୟାଳୟ ଏହି ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଲେ । ତେଣୁ ଆବେଦନକାରୀ ଏକ ସ୍ୱତନ୍ତ୍ର ଅନୁମତି ଆବେଦନକୁ ଦାଖଲ କଲେ ।

ସ୍ୱତନ୍ତ୍ର ଅନୁମତି ଆବେଦନକୁ ଖାରଜ କରି ଏହି ନ୍ୟାୟାଳୟ ରାୟ ଦେଲେ ଯେ

**1.** ମଧ୍ୟ ପ୍ରଦେଶ ବିଶ୍ୱବିଦ୍ୟାଳୟ ଅଧିନିୟମ**1973** ର ଧାରା **52 (1)** ଅନୁଯାୟୀ ରାଜ୍ୟ ସରକାର ଅଧିସୂଚନା ଜାରି କରିବାରେ ଯଥାର୍ଥ ଥିଲେ ।

**2.1.**ଧାରା **52** ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଯାହା ବିବେଚନା କରାଯାଇଛି ତଦନୁଯାୟୀ କ୍ଷମତା ପ୍ରୟୋଗ କରିବା ପାଇଁ ପୂର୍ବ ସର୍ତ୍ତ ହେଉଛି ମନ୍ତ୍ରୀ ପରିଷଦର ସହାୟତା ଏବଂ ପରାମର୍ଶ ଏବଂ ସେଥିରେ ଉଲ୍ଲିଖିତ କାରଣ ଅନୁଯାୟୀ ରାଜ୍ୟପାଳଙ୍କ ସନ୍ତୁଷ୍ଟି । ବର୍ତ୍ତମାନର ମାମଲାରେ , ରାଜ୍ୟ ସରକାର ସନ୍ତୁଷ୍ଟ ହୋଇଥିଲେ ଯେ ଏଠାରେ ଏପରି ଏକ ପରିସ୍ଥିତି ଉପୁଜି ଥିଲା ଯେଉଁଠାରେ କି ବିଶ୍ୱବିଦ୍ୟାଳୟର ପ୍ରଶାସନ ଅଧିନିୟମର ପ୍ରାବଧାନ ଅନୁଯାୟୀ ଚାଲୁ ରହିପାରିବ ନାହିଁ ଏବଂ ଉତ୍ତମ ପ୍ରଶାସନ ଏବଂ ବିଶ୍ୱବିଦ୍ୟାଳୟର ସ୍ୱାର୍ଥକୁ କ୍ଷତି ନ ପହଞ୍ଚାଇବା ନିମିତ୍ତ ଏହା ଅଧିସୂଚନାରେ ଲିଖିତ କାରଣ ଅନୁଯାୟୀ ଅଧିସୂଚନା ଜାରି କଲେ ଏବଂ ନିର୍ଦ୍ଦେଶ ଦେଲେ ଯେ ଅଧିନିୟମର ଧାରା **13** ଏବଂ **14** କୁ ଏଠାରେ ଲାଗୁ କରାଯାଇପାରିବ ନାହିଁ ।

**2.2.** ନ୍ୟାୟିକ ସମୀକ୍ଷାର ବଶଃବର୍ତ୍ତୀ ହୋଇ ଧାରା **52** ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେଉଛି କେବଳ ବୈଧାନିକ କାର୍ଯ୍ୟାନୁଷ୍ଠାନ । ତଥାପି, ନ୍ୟାୟାଳୟ , ରାଜ୍ୟ ସରକାରଙ୍କ ମତ ଉପରେ ଆବେଦନକୁ ବିଚାର କରିବେ ନାହିଁ । ଯେତେବେଳେ, ମାମଲାର ତଥ୍ୟରେ, ଧାରା **52 (1)** ଦ୍ୱାରା ବିବେଚିତ ପରିସ୍ଥିତିରେ ରାଜ୍ୟ ସରକାର ସନ୍ତୁଷ୍ଟ ହୋଇଛନ୍ତି, କିନ୍ତୁ ଯଦିଓ ନ୍ୟାୟାଳୟଙ୍କର ଦୃଷ୍ଟିକୋଣ

**ସେପରି ସନ୍ତୁଷ୍ଟ ହୋଇଥିବା ସ୍ଥିତି, ଯାହାକୁ ଯଦି ଅବେଦନରେ ପ୍ରଶ୍ନ କରାଯାଏ ତାଠାରୁ ଭିନ୍ନ ହୁଏ ଏବଂ ନ୍ୟାୟାଳୟ ଏକ ଭିନ୍ନ ସିଦ୍ଧାନ୍ତରେ ଉପନୀତ ହୁଅନ୍ତି , ତେବେ ସମ୍ବିଧାନର ଅନୁଚ୍ଛେଦ 136 ଏବଂ 226 ଅନୁଯାୟୀ ନ୍ୟାୟିକ ସମୀକ୍ଷା କ୍ଷମତାର ପ୍ରୟୋଗରେ ଉକ୍ତ ସିଦ୍ଧାନ୍ତରୁ ଭିନ୍ନ ହେବା ନ୍ୟାୟାଳୟଙ୍କ ପକ୍ଷରେ ନ୍ୟାୟସଙ୍ଗତ ହେବ ନାହିଁ ।**

*ଏସ୍. ଆର୍. ବୋମ୍ମାଇ ବନାମ ଭାରତ ସଂଘ,* **[1994] 3 S.C.C. 1 ଅନୁସରଣ କରାଗଲା ।**

**3. ପ୍ରାକୃତିକ ନ୍ୟାୟର ନୀତି ଆଇନର ସ୍ଥାନ ନେଇନଥାଏ, ବରଂ ଆଇନର ପରିପୂରକ ହୋଇଥାଏ । ସ୍ପଷ୍ଟ ଭାବରେ କିମ୍ବା ଆବଶ୍ୟକ ନିହିତାର୍ଥ ଦ୍ୱାରା ଏହାର ପ୍ରୟୋଗକୁ ବାଦ ଦିଆଯାଇପାରେ । ଧାରା 14, ଯାହାକୁ ଧାରା 52 ସହିତ ପାଖାପାଖି ବ୍ୟାଖ୍ୟା କରାଯାଏ ତାହା ଆବଶ୍ୟକ ନିହିତାର୍ଥ ଦ୍ୱାରା, ପ୍ରାକୃତିକ ନ୍ୟାୟର ନୀତିଗୁଡ଼ିକର ପ୍ରୟୋଗକୁ ବାଦ ଦେଇଥାଏ । ଏହି ବୈଧାନିକ ଗତିବିଧିକୁ ଦୃଷ୍ଟିରେ ରଖି ଏହା କୁହାଯାଇପାରିବ ନାହିଁ ଯେ ଆବେଦନକାରୀ ଧାରା 52 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ଅଧିସୂଚନା ଏବଂ ଏକ ସୁଯୋଗ ପାଇବାକୁ ହକଦାର୍ ଅଟନ୍ତି ।**

ଦେୱାନୀ ଆବେଦନ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ ସଂଖ୍ୟା 6800/1994 ।

ବିବିଧ ଆବେଦନ ସଂଖ୍ୟା 125/1994 ରେ ମଧ୍ୟ ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର 21.2.94 ତାରିଖ ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଏ. କେ. ଗୋୟଲ ଏବଂ ଶ୍ରୀମତୀ ଶୀଲା ଗୋୟଲ । ଉତ୍ତରଦାତାଙ୍କ ତରଫରୁ ସତୀଶ କେ. ଅଗ୍ନିହୋତ୍ରୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

ଆବେଦନକାରୀ, ସେପ୍ଟେମ୍ବର 5,1992 ତାରିଖରେ ରେ ମଧ୍ୟ ପ୍ରଦେଶ ବିଶ୍ୱବିଦ୍ୟାଳୟ ଅଧିନିୟମ, 1973 ର ଯାହାକୁ ସଂକ୍ଷେପରେ 'ଅଧିନିୟମ' ବୋଲି କୁହାଯାଏ ତାହାରା ଧାରା 13 ଅନୁଯାୟୀ ଦେବୀ ଅହଲ୍ୟା ବିଶ୍ୱବିଦ୍ୟାଳୟ (ବିଶ୍ୱବିଦ୍ୟାଳୟ) ର କୁଳପତି ଭାବରେ ଚାରି ବର୍ଷ ପାଇଁ ନିଯୁକ୍ତ ହୋଇଥିଲେ ଏବଂ ସେ ସେପ୍ଟେମ୍ବର 17,1992 ତାରିଖରେ ଯୋଗ ଦେଇଥିଲେ । ଅଧିନିୟମର ଧାରା 52 (1) ଅନୁଯାୟୀ କ୍ଷମତା ପ୍ରୟୋଗ କରି , ରାଜ୍ୟପାଳ ଜାନୁଆରୀ 21,1994 ତାରିଖରେ ଏକ ଅଧିସୂଚନା ଜାରି କଲେ ଏବଂ ଏହାର କାର୍ଯ୍ୟକାରିତା ଦ୍ୱାରା ଆବେଦନକାରୀ, ଉକ୍ତ

ତାରିଖ ଠାରୁ କୁଳପତି ଭାବେ କାର୍ଯ୍ୟଭାର ତୁଲାଇବା ବନ୍ଦ କରିଦେଲେ । ଜାନୁଆରୀ 22,1994 ତାରିଖରେ ଆବେଦନକାରୀ, ଏହି କାର୍ଯ୍ୟକୁ *ମନ୍ଦ ଉଦ୍ଦେଶ୍ୟ ପୂର୍ଣ୍ଣ*, ବେଆଇନ, ମନମୁଖୀ ବୋଲି ଦର୍ଶାଇଏହା ତାଙ୍କର ସେପ୍ଟେମ୍ବର 17,1996 ତାରିଖରେ ପର୍ଯ୍ୟନ୍ତ ପଦବୀରେ ରହିବାର ଅଧିକାରକୁ ବାଧା ଦେଇଥିଲା ଏବଂ ପ୍ରାକୃତିକ ନ୍ୟାୟର ନୀତି ଉଲ୍ଲଂଘନ କରୁଥିଲା ବୋଲି ଘୋଷଣା କରି ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟ ରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ବିବିଧ ଆବେଦନ ସଂଖ୍ୟା 125/1994 ରେ ଏହି ଦୁଇଜଣିଆ ଖଣ୍ଡପୀଠ ତାଙ୍କର ଫେବୃଆରୀ 21, 1994 ତାରିଖର ଆଦେଶରେ ଉକ୍ତ ଆବେଦନକୁ ଖାରଜ କରିଦେଲେ । ତେଣୁ ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ଦାଖଲ କରାଗଲା ।

ଉଚ୍ଚ ନ୍ୟାୟାଳୟ ଏବଂ ଆମ ସମ୍ମୁଖରେ ଦୁଇଟି ଯୁକ୍ତି ଉପସ୍ଥାପିତ ହୋଇଥିଲା ଯେ ରାଜ୍ୟ ସରକାରଙ୍କ ଦ୍ୱାରା ଏକ *ମନ୍ଦ ଉଦ୍ଦେଶ୍ୟ ପୂର୍ଣ୍ଣ* କ୍ଷମତାର ପ୍ରୟୋଗ ଛଡ଼ା, ରାଜ୍ୟପାଳଙ୍କ କାର୍ଯ୍ୟାନୁଷ୍ଠାନ ପ୍ରଶାସନିକ ଏବଂ ଏହି କ୍ଷେତ୍ରରେ ଆବେଦନକାରୀଙ୍କୁ ତାଙ୍କ ପକ୍ଷ ରଖିବାରେ ସୁଯୋଗ ନ ଦେବାରେ ପ୍ରାକୃତିକ ନ୍ୟାୟର ନୀତିର ଉଲ୍ଲଂଘନ ଅଟେ । ଯେହେତୁ ବିବିଧ ଆବେଦନକୁ ପ୍ରାରମ୍ଭିକ ସ୍ତରରେ ଶୁଣାଣି ପାଇଁ ଗ୍ରହଣ କରାଯାଇଥିଲା , ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନଥିକୁ ଯାଞ୍ଚ ପାଇଁ ଆଦେଶ ଦିଆଗଲା ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଉପଲବ୍ଧ କରାଗଲା । ଯେପରି ରାୟରେ ଉଲ୍ଲେଖ କରାଯାଇଛି ଉଚ୍ଚ ନ୍ୟାୟାଳୟ ଶୁଣାଣି ପର୍ଯ୍ୟାୟରେ ହିଁ ମାମଲାର ସମାଧାନ କରିବା ଉପଯୁକ୍ତ ବୋଲି ଅନୁଭବ କରିଥିଲେ । ସେହି ପରିସ୍ଥିତିରେ ରାଜ୍ୟ ସରକାରଙ୍କ ତରଫରୁ କୌଣସି ପ୍ରତି ଶପଥ ପତ୍ର ଦାଖଲ କରାଯାଇନଥିଲା । ଆକ୍ଷେପିତ ଆଦେଶର ସମର୍ଥନରେ ରାଜ୍ୟ ସରକାରଙ୍କ ଦ୍ୱାରା ଉପଲବ୍ଧ କରାଯାଇଥିବା ତଥ୍ୟଗୁଡ଼ିକ ସହିତ ଯୁକ୍ତିଗୁଡ଼ିକର ପୋଷଣୀୟତାକୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଏବଂ ଆମେ ସ୍ୱୟଂକୁ ସ୍ୱାଧୀନ ଭାବରେ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଆମେ ନଥିକୁ ଆମ ସମ୍ମୁଖରେ ଉପସ୍ଥାପନା କରିବା ପାଇଁ ଆଦେଶ ଦେଲୁ ଏବଂ ତଦନୁଯାୟୀ ଅଧିବକ୍ତା ନଥିକୁ ଆମ ସମ୍ମୁଖରେ ଉପସ୍ଥାପନ କଲେ । ଆମେ ନଥିଗୁଡ଼ିକୁ ଯତ୍ନ ସହକାରେ ଯାଞ୍ଚ କରିଛୁ ଏବଂ ଅଧିସୂଚନା ଜାରି କରିବା ପୂର୍ବରୁ ରାଜ୍ୟପାଳଙ୍କ ନିକଟରେ ବିଚାର ପାଇଁ ସେହି ଉଦ୍ଦେଶ୍ୟରେ ଟିପ୍ପଣୀ ଦାଖଲ କରିଛୁ । ଆମେ ଉଭୟ ପକ୍ଷର ଅଧିବକ୍ତାଙ୍କ ତର୍କକୁ ଶୁଣିଛୁ ।

ନିଃସନ୍ଦେହରେ ଆବେଦନକାରୀଙ୍କୁ ଅଧିନିୟମର ଧାରା 13 ଅନୁଯାୟୀ ନିଯୁକ୍ତ କରଯାଇଥିଲା ଏବଂ ଏହାର ଧାରା 14 ଏକ ବିସ୍ତୃତ ତଦନ୍ତ ଏବଂ ସ୍ପଷ୍ଟତଃ ଦଣ୍ଡ ନିମିତ୍ତ ଏକ ପଦକ୍ଷେପ ଭାବରେ କୁଳପତିଙ୍କୁ ତାଙ୍କର କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ପଦବୀରୁ ହଟାଇବା ପାଇଁ

ଯୁକ୍ତିଯୁକ୍ତ ସୁଯୋଗ ପ୍ରଦାନ କରିଥାଏ । ଅଧିନିୟମର ଧାରା 52 (1) ସମାନ ଭାବରେ ରାଜ୍ୟକୁ ଏକ ପରିବର୍ତ୍ତିତ ଉପାୟରେ ସନ୍ତୁଷ୍ଟ ହେବାକୁ ପ୍ରାବଧାନ ରଖେ ଯେ " ଯଦିଓ ରାଜ୍ୟ ସରକାର ଏକ ଲିଖିତ ବିବରଣୀକୁ ପ୍ରାପ୍ତ କରି କିମ୍ବା ଅନ୍ୟଥା ସନ୍ତୁଷ୍ଟ ହୁଅନ୍ତି ଯେ ଏପରି ଏକ ପରିସ୍ଥିତି ସୃଷ୍ଟି ହୋଇଛି ଯେଉଁଥିରେ ବିଶ୍ୱବିଦ୍ୟାଳୟର ପ୍ରଶାସନ, ଅଧିନିୟମର ପ୍ରାବଧାନ ଅନୁଯାୟୀ କାର୍ଯ୍ୟକାରୀ ହୋଇପାରିବ ନାହିଁ, ତେବେ ବିଶ୍ୱବିଦ୍ୟାଳୟର ସ୍ୱାର୍ଥକୁ ବାଧା ନଦେଇ ଏବଂ ବିଶ୍ୱବିଦ୍ୟାଳୟର ସ୍ୱାର୍ଥରେ ଯାହା ଅନୁକୂଳ ହେବ , ସେଥି ନିମିତ୍ତ ଅଧିସୂଚନା ଦ୍ୱାରା ସେଥିରେ ଉଲ୍ଲିଖିତ କାରଣ ଅନୁଯାୟୀ ଏହା ନିର୍ଦ୍ଦେଶ ଦେଇପାରିବେ ଯେ ଅଧିସୂଚନାରେ ନିର୍ଦ୍ଦିଷ୍ଟ ହୋଇଥିବା ତାରିଖ ଠାରୁ , ସୂଚୀରେ ନିର୍ଦ୍ଧାରିତ ପରିବର୍ତ୍ତନର ବଶଃବର୍ତ୍ତୀ ହୋଇ ଅଧିନିୟମର ଧାରା 13, 14 , 20 ରୁ 25 , 40, 47, 54 ଏବଂ 68 ବିଶ୍ୱବିଦ୍ୟାଳୟ ପ୍ରତି ଲାଗୁ ହେବ । ଏହା ଜାରି ହେବା ପରେ ଧାରା 52 ର ଉପଧାରା (4) ର କାର୍ଯ୍ୟକାରିତା ଦ୍ୱାରା, କୁଳପତି ପଦବୀ ଧାରଣ କରିବା ବନ୍ଦ କରିବେ ,ସେହି ପରିପ୍ରେକ୍ଷୀରେ ଖଣ୍ଡ II ନିମ୍ନ ଭଳି ପ୍ରାବଧାନ ରଖେ :

> " ନିର୍ଦ୍ଧାରିତ ତାରିଖର ତୁରନ୍ତ ପୂର୍ବରୁ ପଦବୀ ଧାରଣ କରିଥିବା କୁଳପତି ତାଙ୍କ କାର୍ଯ୍ୟକାଳ ସମାପ୍ତ ହୋଇନଥିଲେ ମଧ୍ୟ ସେ ତାଙ୍କ ପଦବୀ ଛାଡ଼ିବେ। ”

ଏହାର କାର୍ଯ୍ୟକାରିତା ଦ୍ୱାରା ଧାରା 13 ଏବଂ 14 ର ପ୍ରୟୋଗତା ପରିବର୍ତ୍ତନ କରାଗଲା ଏବଂ ଆବେଦନକାରୀଙ୍କ ବିରୋଧରେ ନିୟମିତ ତଦନ୍ତ କରିବାର ଆବଶ୍ୟକତାକୁ ଏଡ଼ାଇ ଦିଆଗଲା । ଧାରା 52 (1) ଅନୁଯାୟୀ ଅଧିସୂଚନା ଜାରି କରିବା ଉପରେ ଏବଂ ସେହି ତାରିଖରେ ଏବଂ ସେହି ତାରିଖଠାରୁ ଧାରା 52 (4) ର କାର୍ଯ୍ୟକାରିତା ଦ୍ୱାରା କୁଳପତିଙ୍କ କାର୍ଯ୍ୟକାଳ ସମାପ୍ତ ହୋଇନଥିଲେ ମଧ୍ୟ, ସେ ତାଙ୍କ ପଦବୀ ଛାଡ଼ିବାକୁ ବାଧ୍ୟ ହେବେ । ଅନ୍ୟ ଅର୍ଥରେ କହିଲେ, ସେ ଏହି ପଦବୀରେ କାର୍ଯ୍ୟଭାର ତୁଲାଇବା ବନ୍ଦ କରିଦେଲେ । ଏହା ଏକ ତଥ୍ୟ ଭାବରେ ଦେଖିବାକୁ ମିଳିଛି ଯେ ଆବେଦନକାରୀ ଜାନୁଆରୀ 21,1994 ତାରିଖରୁ କାର୍ଯ୍ୟଭାର ତୁଲାଇବା ବନ୍ଦ କରିଦେଇଥିଲେ ଏବଂ ନୂତନ କାର୍ଯ୍ୟନିର୍ବାହୀ କାର୍ଯ୍ୟଭାର ଗ୍ରହଣ କରିଥିଲେ ।

ଯଦିଓ ବିଦ୍ୱାନ ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା ମନ୍ଦ ଉଦ୍ଦେଶ୍ୟ ପୂର୍ଣ୍ଣ କାର୍ଯ୍ୟ ସହିତ ଜଡ଼ିତ ତର୍କକୁ ଦୋହରାଯାଇଛି, ଯେତେବେଳେ ଆମେ ସୂଚାଇଲୁ ଯେ ଆବେଦନକାରୀ କୌଣସି ନିର୍ଦ୍ଦିଷ୍ଟ ଅଧିକାରୀ କିମ୍ବା କାର୍ଯ୍ୟାଳୟର ଧାରକଙ୍କ ବିରୋଧରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ କରିନାହାଁନ୍ତି, କିମ୍ବା କୌଣସି ଅଧିକାରୀ କିମ୍ବା କାର୍ଯ୍ୟାଳୟର ଧାରକଙ୍କୁ ଉତ୍ତରଦାତା ଭାବରେ ପକ୍ଷଭୁକ୍ତ କରିନାହାଁନ୍ତି, ସେତେବେଳେ ନିରପେକ୍ଷ ଭାବରେ, ବିଦ୍ୱାନ ବରିଷ୍ଠ ଅଧିବକ୍ତା ତର୍କର ଧାରାକୁ

ଅନୁସରଣ କରିନଥିଲେ । ତଥାପି ଏହା ଯୁକ୍ତି କରାଯାଇଥିଲା ବିବାଦୀୟ ଅଧିସୂଚନା ପାରିତ ହେବା ପୂର୍ବରୁ ଆବେଦନକାରୀ ଶୁଣାଣିର ଏକ ସୁଯୋଗ ପାଇବାର ହକଦାର୍ ଥିଲେ ଏବଂ ଏହାର ଉଲ୍ଲଙ୍ଘନରେ ପାରିତ ହୋଇଥିବା ଆଦେଶ ପ୍ରାକୃତିକ ନ୍ୟାୟର ନୀତିକୁ ଉଲ୍ଲଙ୍ଘନ କରେ । କିନ୍ତୁ ଯୁକ୍ତିରେ ଆମେ କୌଣସି ସାରମର୍ମ ପାଉନାହୁଁ । ଧାରା 14 କୁଳପତିଙ୍କ ବିରୋଧରେ ତଦନ୍ତ କରିବା ଏବଂ ତାଙ୍କୁ ତାଙ୍କ ପକ୍ଷ ରଖିବାର ଯୁକ୍ତିଯୁକ୍ତ ସୁଯୋଗ ଦେବା ପରେ, ତାଙ୍କୁ କାର୍ଯ୍ୟାଳୟରୁ ହଟାଇବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମିତ୍ତ ଏକ ବିସ୍ତୃତ ପ୍ରକ୍ରିୟା ଅନ୍ତର୍ଭୁକ୍ତ କରେ । ଧାରା 52 ସେଥିରେ ଏକ ବ୍ୟତିକ୍ରମକୁ ଅନ୍ତର୍ଭୁକ୍ତ କରେ ।  ତେବେ ପୂର୍ବ ସର୍ତ୍ତ ହେଉଛି ଯେ ନଥିରେ ଥିଲା ଭଳି ମାମଲା ସହିତ ଜଡ଼ିତ ପ୍ରାସଙ୍ଗିକ ତଥ୍ୟର ବସ୍ତୁନିଷ୍ଠ ବିଚାର ଉପରେ ରାଜ୍ୟ ସରକାର ସନ୍ତୁଷ୍ଟ ହେବା ଉଚିତ୍ ଯେ ବିଶ୍ୱବିଦ୍ୟାଳୟର ପ୍ରଶାସନ, ଅଧିନିୟମର ପ୍ରାବଧାନ ଅନୁଯାୟୀ କାର୍ଯ୍ୟକାରୀ ହୋଇପାରିବ ନାହିଁ, ତେବେ ବିଶ୍ୱବିଦ୍ୟାଳୟର ସ୍ୱାର୍ଥକୁ ବାଧା ନଦେଇ ଏବଂ ବିଶ୍ୱବିଦ୍ୟାଳୟର ସ୍ୱାର୍ଥରେ ଯାହା ଅନୁକୂଳ ହେବ ଏବଂ ସେଥିନିମିତ୍ତ ଉପଯୁକ୍ତ ପ୍ରଶାସନ ନିମିତ୍ତ , ଧାରା 13 ଏବଂ 14 ଇତ୍ୟାଦି ର ପ୍ରୟୋଗତାକୁ ବାଦ୍ ଦେଇ ଏହାକୁ ଲାଗୁ କରାଯିବ  ଏବଂ ଧାରା 52 (1) ଅନୁଯାୟୀ ଅଧିସୂଚନା ଜାରି କରାଯିବ । ଆବଶ୍ୟକୀୟ ନିହିତାର୍ଥ ଦ୍ୱାରା, ପ୍ରାକୃତିକ ନ୍ୟାୟର ନୀତିର ପ୍ରୟୋଗତାକୁ ଏଠାରେ ବାଦ ଦିଆଯାଇଛି । ଏହି ବୈଧାନିକ ଗତିବିଧିକୁ ଦୃଷ୍ଟିରେ ରଖି ଧାରା 52 (1) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ଏବଂ ତାଙ୍କ ପକ୍ଷ ରଖିବାକୁ ଏକ ସୁଯୋଗ ପାଇବାକୁ ହକଦାର୍ ବୋଲି କରାଯାଇଥିବା ତର୍କ ଏଠାରେ ସ୍ୱୟଂ ଅକାମୀ ହୋଇଯିବ । ପ୍ରାକୃତିକ ନ୍ୟାୟର ନୀତି ଆଇନର ସ୍ଥାନ ନେଇନଥାଏ, ବରଂ ଆଇନର ପରିପୂରକ ହୋଇଥାଏ । ଏହାର ପ୍ରୟୋଗକୁ ସ୍ପଷ୍ଟ ଭାବରେ କିମ୍ବା ଆବଶ୍ୟକ ନିହିତାର୍ଥ ଦ୍ୱାରା ବାଦ୍ ଦିଆଯାଇପାରେ । ଧାରା 14 କୁ ଧାରା 52 ସହିତ ପାଖାପାଖି ବ୍ୟାଖ୍ୟା କୁ ଯେତେବେଳେ ବିବେଚନା କରାଯାଏ , ତେବେ ସ୍ପଷ୍ଟ ଅନୁମାନ ଏହା ହେବ ଯେ ଏଠାରେ ପ୍ରାକୃତିକ ନ୍ୟାୟର ନୀତିକୁ ବାଦ୍ ଦିଆଯାଇଛି ।

ସ୍ପଷ୍ଟତଃ ଏହି କାରଣରୁ ଯେ , ଅଧିସୂଚନା କୌଣସି ନଥି ଉପରେ ଆଧାରିତ କି ନାହିଁ ଏବଂ ଏହାର ସମର୍ଥନରେ ଦିଆଯାଇଥିବା କାରଣ, ପ୍ରସଙ୍ଗ ସହିତ ପ୍ରାସଙ୍ଗିକ କି ନାହିଁ ସେହି ସମ୍ବନ୍ଧରେ ଆମ୍ଭେ ସ୍ୱୟଂକୁ ସନ୍ତୁଷ୍ଟ କରିବା ପାଇଁ, ନଥିକୁ ଯାଞ୍ଚ କରିବା ନିମିତ୍ତ ଆମ ସମ୍ମୁଖରେ ଉପସ୍ଥାପନ କରିବା ନିମିତ୍ତ ଆଦେଶ ଦେଇଥିଲୁ ଏବଂ ତାହା ଆମ ପାଇଁ ଉପଲବ୍ଧ କରାଯାଇଛି । ରାଜ୍ୟପାଳଙ୍କ ସମ୍ମୁଖରେ ରଖାଯାଇଥିବା ଟିପ୍ପଣୀକୁ ମଧ୍ୟ ଆମ ସମ୍ମୁଖରେ ଉପଲବ୍ଧ କରାଯାଇଥିଲା । ଏହା ଏକ ବିସ୍ତୃତ ଟିପ୍ପଣୀ, ଯେଉଁଥିରେ ବିଶ୍ୱବିଦ୍ୟାଳୟର କୁପ୍ରଶାସନ ସହିତ ଜଡ଼ିତ ଥିବା ତଥ୍ୟର ସବିଶେଷ ବିବରଣୀ ରହିଛି । ନଥିରୁ ଆମେ ଜାଣିବାକୁ ପାଇଛୁ ଯେ ସରକାର ଉକ୍ତ ତଥ୍ୟକୁ ବିଚାର କରିଥିଲେ

ଏବଂ ତାଙ୍କର ପ୍ରକୃତ ହୃଦୟଙ୍ଗମ କରିବା ପରେ ରାଜ୍ୟପାଳ ଧାରା 52 (1) ଅନୁଯାୟୀ କ୍ଷମତା ପ୍ରୟୋଗ କରିଥିଲେ । ଯଦିଓ ଉଚ୍ଚ ନ୍ୟାୟାଳୟ ଧରି ନେଲେ ଯେ ଧାରା 52 ଅନୁଯାୟୀ ହୋଇଥିବା କାର୍ଯ୍ୟାନୁଷ୍ଠାନ ବୈଧାନିକ କାର୍ଯ୍ୟାନୁଷ୍ଠାନ ଅଟେ , ତେବେ ମାର୍ଚ୍ଚ 11, 1994 ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଏସ. ଆର. ବୋମ୍ମାଇ ବନାମ ଭାରତ ସଂଘ, ଦେୱାନୀ ଆବେଦନ ସଂଖ୍ୟା 3645/1989, ଇତ୍ୟାଦି ମାମଲାରେ ନିଆଯାଇଥିବା ନିଷ୍ପତ୍ତି ର ସନ୍ଦର୍ଭରେ ଏହା ସମ୍ପୂର୍ଣ୍ଣ ରୂପେ ବେଆଇନ, ଯେଉଁଥିରେ ଏହି ନ୍ୟାୟାଳୟ ଅନୁଚ୍ଛେଦ 356 ଅନୁଯାୟୀ ରାଷ୍ଟ୍ରପତିଙ୍କ ଘୋଷଣାନାମା ଉପରେ ବିଚାର କରିଥିଲେ ଏବଂ ରାୟ ଦେଲେ ଯେ ଉକ୍ତ କାର୍ଯ୍ୟାନୁଷ୍ଠାନ ନ୍ୟାୟିକ ସମୀକ୍ଷାର ପରିସର ବାହାରେ ନୁହେଁ । ଧାରା 52 ଅନୁଯାୟୀ ହୋଇଥିବା କାର୍ଯ୍ୟାନୁଷ୍ଠାନ କେବଳ ବୈଧାନିକ କାର୍ଯ୍ୟାନୁଷ୍ଠାନ , କିନ୍ତୁ ଏହା ନ୍ୟାୟିକ ସମୀକ୍ଷର ବଶଃବର୍ତ୍ତୀ । ତେବେ ରାଜ୍ୟର ମତ ଉପରେ ହୋଇଥିବା ଆବେଦନକୁ ନ୍ୟାୟାଳୟ ବିଚାରକୁ ନେବେ ନାହିଁ । ଏହି ବିଧାନ ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ କରେ । ମନ୍ତ୍ରୀ ପରିଷଦର ସହାୟତା ଏବଂ ପରାମର୍ଶ କ୍ରମେ ରାଜ୍ୟପାଳ, ଧାରା 52 ଅନୁଯାୟୀ ଅଧିସୂଚନା ଜାରି କରିବାରେ ନିଜର କ୍ଷମତା ପ୍ରୟୋଗ କଲେ । ଯଦିଓ ଏହା ବୈଧାନିକ ଅଧିସୂଚନା ଥିଲା, କିନ୍ତୁ ପୂର୍ବସର୍ତ୍ତ ଯାହା ତାହା ହେଉଛି ଧାରା 52 ରେ ବର୍ଣ୍ଣିତ ପରିସ୍ଥିତି ସମ୍ବନ୍ଧରେ ମନ୍ତ୍ରୀ ପରିଷଦର ସହାୟତା ଏବଂ ପରାମର୍ଶ ସହିତ ରାଜ୍ୟ ସରକାର ତଥା ରାଜ୍ୟପାଳଙ୍କ ସନ୍ତୁଷ୍ଟି ଏବଂ ବିଶ୍ୱବିଦ୍ୟାଳୟର ଉତ୍ତମ ପ୍ରଶାସନ ନିମିତ୍ତ ସେଥିରେ ଉଲ୍ଲିଖିତ କାରଣ ପାଇଁ ରାଜ୍ୟ ସରକାରଙ୍କ ସନ୍ତୁଷ୍ଟି ଯେ ଏଠାରେ ଏପରି ଏକ ପରିସ୍ଥିତି ସୃଷ୍ଟି ହୋଇଥିଲା ଯେଉଁଠାରେ କି ଅଧିନିୟମର ପ୍ରାବଧାନଗୁଡ଼ିକ ଅନୁଯାୟୀ ବିଶ୍ୱବିଦ୍ୟାଳୟର ପ୍ରଶାସନ ଚାଲୁ ରହିପାରିବ ନାହିଁ ଏବଂ ଏହାର ଉତ୍ତମ ପ୍ରଶାସନ ନିମିତ୍ତ ଓ ବିଶ୍ୱବିଦ୍ୟାଳୟର ସ୍ୱାର୍ଥରେ ବାଧାକୁ ରୋକିବା ପାଇଁ , ରାଜ୍ୟ ସରକାର ସେଥିରେ ଉଲ୍ଲିଖିତ କାରଣ ପାଇଁ ଅଧିସୂଚନା ଜାରି କଲେ ଏବଂ ନିର୍ଦ୍ଦେଶ ଦେଲେ ଯେ ଧାରା 13 ଏବଂ 14 ଅନୁଯାୟୀ ସେଥିରେ ଥିବା ପ୍ରାବଧାନଗୁଡ଼ିକ ଏହି କ୍ଷେତ୍ରରେ ଲାଗୁ ହେବ ନାହିଁ । ଯେତେବେଳେ, ମାମଲାର ତଥ୍ୟରେ, ଧାରା 52 (1) ଦ୍ୱାରା ବିବେଚିତ ପରିସ୍ଥିତିରେ ରାଜ୍ୟ ସରକାର ସନ୍ତୁଷ୍ଟି ହୋଇଛନ୍ତି, କିନ୍ତୁ ଯଦିଓ ନ୍ୟାୟାଳୟଙ୍କ ଦୃଷ୍ଟିକୋଣ ସେପରି ସନ୍ତୁଷ୍ଟି, ଯାହା ବିରୋଧରେ ଅବେଦନରେ ନ୍ୟାୟାଳୟ ବିଚାର କରନ୍ତି ତାଠାରୁ ଭିନ୍ନ ହୁଏ ଏବଂ ଏହା ଏକ ଭିନ୍ନ ସିଦ୍ଧାନ୍ତରେ ଉପନୀତ ହୁଅନ୍ତି , ତେବେ ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଆମ ପାଇଁ ଏବଂ ଅନୁଚ୍ଛେଦ 226 ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ପାଇଁ ନ୍ୟାୟିକ ସମୀକ୍ଷା କ୍ଷମତାର ପ୍ରୟୋଗରେ ଉକ୍ତ ସିଦ୍ଧାନ୍ତରୁ ଭିନ୍ନ ହେବା ଆମ ପକ୍ଷରେ ନ୍ୟାୟସଙ୍ଗତ ହେବ ନାହିଁ । ଯଦିଓ ଶିକ୍ଷା ପରିଷଦ ଇତ୍ୟାଦିକୁ ଭାଙ୍ଗି ଦିଆଯାଇଥିଲା, ଏହାର ସଠିକତା ଏହି ସ୍ୱତନ୍ତ୍ର ଅନୁମତି ଆବେଦନର ବିଷୟ ନୁହେଁ । ଏଠାରେ ସେହି

ପ୍ରଶ୍ନକୁ ବିଚାର କରିବା ଆମର ଦାୟିତ୍ୱ ନୁହେଁ । ତେଣୁ, ନଥିରୁ ଆମେ ସନ୍ତୁଷ୍ଟ ଯେ ରାଜ୍ୟ ସରକାର ଅଧିନିୟମର ଧାରା 52 (1) ଅନୁଯାୟୀ ଅଧିସୂଚନା ଜାରି କରିବାରେ ଯଥାର୍ଥ ଥିଲେ । ତଦନୁଯାୟୀ ଏହି ପରିସ୍ଥିତିରେ ସମସ୍ତ ଖର୍ଚ୍ଚ ବିନା ସ୍ୱତନ୍ତ୍ର ଅନୁମତି ଆବେଦନକୁ ଖାରଜ କରିଦିଆଗଲା ।

ଆର୍. ପି. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।